# QUESTION BANK FOR THE YEAR – 2020 – 2021

## [ CLASS – 8, 9, 10 ]

# ODIA

## [ Language Part ]

**୧-　　୨୫୦ଟି ଶବ୍ଦ ମଧ୍ୟରେ ରଚନାଟିଏ ଲେଖ :-　　　　(୧୫ ନମ୍ବର)**

(i)　ତୁମ ଜୀବନର ଲକ୍ଷ୍ୟ ।

(ii)　ତୁମ ବିଦ୍ୟାଳୟ ।

(iii)　ତୁମକୁ ଭଲ ଲାଗୁଥିବା ଏକ ପର୍ବ ।

(iv)　ତୁମର ପଡ଼ିଶା ।

(v)　ଆଦର୍ଶ ଛାତ୍ରଜୀବନ ।

(vi)　ଆମ ପରିବେଶ ।

(vii)　ଆମ ରାଜ୍ୟ ।

(vii)　ଏକତା ହିଁ ବଳ - ଏହି ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(ix)　ସବୁ ଚକ୍ ଚକ୍ କରୁଥିବା ବସ୍ତୁ ସୁନା ନୁହେଁ – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(x)　ଧୀର ପାଣି ପଥର କାଟେ – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xi)　ବିନାଶ କାଳେ ବିପରୀତ ବୁଦ୍ଧି – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xii)　ଡେଇଁବା ଆଗରୁ ଚାହଁ – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

(xiii)　ଅଳ୍ପ ବିଦ୍ୟା ଭୟଙ୍କରୀ – ପ୍ରବାଦକୁ ଆଧାର କରି ନିଜସ୍ୱ ଗଳ୍ପଟିଏ ଲେଖ ।

**ସଂଲଗ୍ନ ଛବିଟିକୁ ଏବଂ ଏହାର ବର୍ଣ୍ଣନା ଦିଅ କିମ୍ବା ଏହା ତୁମକୁ ଯାହା ସୂଚାଇ ଦେଉଛି ଉଲ୍ଲେଖ କର :-**







୨.  ୧୨୦ଟି ଶବ୍ଦ ମଧ୍ୟରେ ପତ୍ରଟିଏ ଲେଖ :-  (୨୦ ନମ୍ବର)

(i) ତୁମେ ଚାରିଦିନ ଧରି ବିଦ୍ୟାଳୟରେ ଅନୁପସ୍ଥିତ ଥିଲ, ଉପଯୁକ୍ତ କାରଣ ଦର୍ଶାଇ ଅଧ୍ୟକ୍ଷଙ୍କ ନିକଟକୁ ପତ୍ର ଲେଖ ।

(ii) ତୁମର ଅସୁସ୍ଥତାବଶତଃ ତୁମେ ପରୀକ୍ଷା ଦେଇପାରିଲ ନାହିଁ ଉପଯୁକ୍ତ କାରଣ ଦର୍ଶାଇ ଅଧ୍ୟକ୍ଷଙ୍କୁ ଆବେଦନ ପତ୍ର ଲେଖ ।

(iii) ତୁମ ବିଦ୍ୟାଳୟର ପାଠାଗାରରେ ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକାର ଅଭାବ ସଂପର୍କରେ ଜଣାଇ ଅଧ୍ୟକ୍ଷଙ୍କୁ ଆବେଦନ ପତ୍ର ଲେଖ ।

(iv) ତୁମ ଅଞ୍ଚଳରେ ପାନୀୟ ଜଳର ଅଭାବ ସଂପର୍କରେ ଅଭିଯୋଗ କରି ଜିଲ୍ଲାପାଳଙ୍କ ନିକଟକୁ ଆବେଦନ ପତ୍ର ଲେଖ ।

(v) ତୁମ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିବାପାଇଁ ଅନୁରୋଧ କରି ଆଞ୍ଚଳିକ ସରପଞ୍ଚ ମହୋଦୟଙ୍କୁ ନିବେଦନ ପତ୍ର ଲେଖ ।

(vi) ତୁମ ବିଦ୍ୟାଳୟର ଏକ ଉତସବ ବିଷୟରେ ବର୍ଣ୍ଣନା କରି ପିତାଙ୍କୁ ପତ୍ର ଲେଖ ।

(vii) ତୁମେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମାମୁଁ ତୁମ ପାଇଁ ଗୋଟିଏ ଉପହାର ପଠାଇଛନ୍ତି । ତାଙ୍କୁ ତୁମର କୃତଜ୍ଞତା ଜଣାଇ ଖଣ୍ଡିଏ ପତ୍ର ଲେଖ ।

(viii) ଘରେ ତୁମ ସାନଭାଇ ବଡ଼ ଅବାଧ୍ୟ ହେଉଛି, ତାକୁ ବାଟକୁ ଆଣିବା ପାଇଁ ପତ୍ର ଲେଖ ।

(ix) ତୁମ ବଡ଼ ଭଉଣୀର ବାହାଘରରେ ଯୋଗଦେବା ପାଇଁ ଅନୁରୋଧ କରି ବନ୍ଧୁଙ୍କ ନିକଟକୁ ପତ୍ର ଲେଖ ।

## ୩.　ପ୍ରାଚୀନ କଳିଙ୍ଗର ଶାସକ

କଳିଙ୍ଗର ଶାସକମାନଙ୍କର କାହାଣୀ ବାସ୍ତବିକ ଅତ୍ୟନ୍ତ ବିସ୍ମୟକର, କଳିଙ୍ଗର ଅଧିକାଂଶ ରାଜା ଥିଲେ ଅତ୍ୟନ୍ତ ଦୁର୍ଦ୍ଧର୍ଷ ଓ ଦୁଃସାହସୀ । ସେମାନଙ୍କର ସ୍ୱଦେଶ ପ୍ରାଣତ ସନ୍ଦେହାଜାତ ଥିଲା । ଭାରତ ସମ୍ରାଟ ଅଶୋକଙ୍କର କଳିଙ୍ଗ ଯୁଦ୍ଧ ସମଗ୍ର ବିଶ୍ୱର ସମର ଇତିହାରେ ଏକ ଉଲ୍ଲେଖଯୋଗ୍ୟ କାହାଣୀ । ମହାମାନ୍ୟ ସମ୍ରାଟ ଧଉଳିଗିରିର ଗାତ୍ରରେ ଶିଳାଲେଖ ଜରିଆରେ ସେ ସବୁ ବିବରଣୀ ଲିପିବଦ୍ଧ କରିଯାଇଛନ୍ତି । ଏବର ରାଜା ଖାରବେଳଙ୍କର ଭାରତ ଅଭିଯାନ ମଧ୍ୟ ସେହିପରି ପାଠକର ପ୍ରାଣରେ ବିସ୍ମୟ ସୃଷ୍ଟି କରିଥାଏ । ଖଣ୍ଡଗିରିର ଶିଳାଲିପି ଅତୀତର ସେହି ଗୌରବମୟ ଗାଥାକୁ କାଳବକ୍ଷରେ ପ୍ରଚାର କରି ଚାଲିଅଛି । ଏହି ସମୟରେ ଖରବେଳଙ୍କର ସାମ୍ରାଜ୍ୟ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଖାରବେଳ ଉତ୍ତରରେ ମଥୁରା ପର୍ଯ୍ୟନ୍ତ ଦିଗ୍‌ବିଜୟ କରି ଯବନ ରାଜାଙ୍କୁ ବିତାଡ଼ିତ କରିଥିଲେ । ସେ ବାରମ୍ବାର ଅଭିଯାନ କରି ପ୍ରଭାବଶାଳୀ ମଗଧ ରାଜ୍ୟ ସମେତ ବହୁ ଶକ୍ତିଶାଳୀ ରାଷ୍ଟ୍ରକୁ ନିଜର ଅଧୀନ କରି ପାରିଥିଲେ ।

ଭାରତ ଇତିହାସରେ ଗୁପ୍ତରାଜତ୍ୱ କାଳକୁ ସୁବର୍ଣ୍ଣ ଯୁଗ ବୋଲି ନାମିତ କରାଯାଇଥାଏ । ଏହି କାଳରେ କଳିଙ୍ଗର ରାଜନୈତିକ ସ୍ୱୀକୃତି ଲାଭ କରିଥିବା ଜଣାଯାଏ । ଖ୍ରୀଷ୍ଟ ତୃତୀୟ ଶତାବ୍ଦୀରେ କଳିଙ୍ଗର ଗୁହଶିବ ନାମରେ ଜଣେ ପ୍ରସିଦ୍ଧ ବୌଦ୍ଧ ରାଜା ରାଜତ୍ୱ କରୁଥିଲେ । ସେତେବେଳେ ବୁଦ୍ଧଙ୍କର ଦନ୍ତ କଳିଙ୍ଗରେ ପୂଜା ହେଉଥିଲା । ଶତ୍ରୁ ଆକ୍ରମଣ ଆଶଙ୍କା କରି ଗୁହଶିବ ବୁଦ୍ଧଦେବଙ୍କ ଦନ୍ତ ନିରାପଦରେ ପୂଜା ହେବ ବୋଲି ତତ୍‌କାଳୀନ ଲଙ୍କା (ସିଂହଳ)ର ରାଜା ମହାସେନ୍‌ଙ୍କ ନିକଟକୁ ପ୍ରେରଣ କରିଥିଲେ । ଏହି ପବିତ୍ର ଦନ୍ତକୁ ତାଙ୍କର କନ୍ୟା ହେମମାଳା ଏବଂ ଜାମାତା ଦନ୍ତକୁମାର ସମୁଦ୍ର ପଥରେ ବହନ କରିନେଇ ନିରାପଦରେ ସିଂହଳ ରାଜ୍ୟରେ ପହଞ୍ଚାଇ ଦେଇଥିଲେ । ସିଂହଳରେ ଦନ୍ତ ପହଞ୍ଚିଲା ବେଳକୁ ସିଂହଳ ରାଜା ମହାସେନ୍ ମୃତ୍ୟୁବରଣ କରିଥିଲେ ହେଁ ତାଙ୍କର ସୁଯୋଗ୍ୟ ଉତ୍ତରାଧିକାରୀ ଅତ୍ୟନ୍ତ ଆଦର ସହକାରେ ଦନ୍ତକୁ ଗ୍ରହଣକରି ସେବା ପୂଜାର ବ୍ୟବସ୍ଥା କରିଥିଲେ । ପ୍ରଭାବଶାଳୀ ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ତାଙ୍କର ଭାରତ ଅଭିଯାନ କାଳରେ ଓଡ଼ିଶା ଭୂମିରେ ବହୁ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ କୌଶଳର ରାଜା ମହେନ୍ଦ୍ର, ମହାକାନ୍ତାର ରାଜା ବ୍ୟାଘ୍ରରାଜା, କୁରଳର ମନ୍ତରାଜା, ପିପ୍‌ଟ ପୁରର ମହେନ୍ଦ୍ର ଗିରି, କୋଟ୍ଟୁରାର ସ୍ୱାମୀଦତ୍ତ, ଏରଣ୍ଡ ପଲ୍ଲିର ରାଜା ଦମନ, ଦେବ ରାଷ୍ଟ୍ରର କୁବେର ପ୍ରଭୃତି ରାଜାମାନଙ୍କ ସହିତ ସମୁଦ୍ରଗୁପ୍ତ ପ୍ରବଳ ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ।

(i)　ଖାରବେଳଙ୍କ ଭାରତ ଅଭିଯାନ ସମ୍ପର୍କରେ ଏହି ଲେଖାରୁ କି ସୂଚନା ମିଳେ ?

(ii)　ବୁଦ୍ଧଙ୍କର ଦନ୍ତ ସମ୍ପର୍କରେ ଏଠାରେ କ'ଣ ବର୍ଣ୍ଣନା କରାଯାଇଛି ?

(iii)　ଗୁପ୍ତ ସମ୍ରାଟ ସମୁଦ୍ରଗୁପ୍ତ ଓଡ଼ିଶା ଭୂମିରେ କେଉଁ କେଉଁ ରାଜାଙ୍କଠାରୁ ପ୍ରବଳ ସଂଗ୍ରାମର ସମ୍ମୁଖୀନ ହୋଇଥିଲେ ?

(iv)　ଭାରତ ଇତିହାସରେ କେଉଁ ରାଜତ୍ୱକୁ ସୁବର୍ଣ୍ଣ ଯୁଗ ବୋଲି କୁହାଯାଏ ? ସେହି ସମୟରେ କଳିଙ୍ଗର ଅବସ୍ଥା କ'ଣ ଥିଲା ?

(v)　ଶିଳାଲିପିର ଅର୍ଥ କ'ଣ ? ସମ୍ରାଟ ଅଶୋକଙ୍କର ପ୍ରସିଦ୍ଧ ଶିଳାଲିପି କେଉଁଠାରେ ଦେଖିବାକୁ ମିଳେ ଓ ସେଥିରେ କେଉଁ ବିଷୟ ବର୍ଣ୍ଣିତ ?

## ୪.　ଓଡ଼ିଶାର ସମ୍ବାଦ ପତ୍ର ପ୍ରକାଶନ ଧାରା (ଶିବ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ସମ୍ବାଦ ପତ୍ରର ବିକାଶ ଓ ସାମ୍ବାଦିକତା ପୁସ୍ତକରୁ ଉଦ୍ଧୃତ । ପୃଷ୍ଠା (୨୦-୨୧)

ପାଶ୍ଚାତ୍ୟ ସଂସ୍କୃତିର ବ୍ୟାପକ ପ୍ରସାରର ପରିଣତି ସ୍ୱରୂପ ୧୮୩୭ରେ ଖ୍ରୀଷ୍ଟିଆନ ମିସନାରୀ ସଂସ୍ଥା ଦ୍ୱାରା କଟକରେ ଏକ ମୁଦ୍ରଣାଳୟ "କଟକ ମିଶନ୍ ପ୍ରେସ୍" ପ୍ରତିଷ୍ଠିତ ହୋଇଥିଲା । ଓଡ଼ିଶାର ବୌଦ୍ଧିକ ଚେତନାର ବିକାଶ କ୍ଷେତ୍ରରେ ଏହି ମୁଦ୍ରଣାଳୟର ପ୍ରଭାବ ଅତ୍ୟନ୍ତ ଗୁରୁତବପୂର୍ଣ୍ଣ ଥିଲା । ୧୮୨୨ ମିସନାରିମାନେ ଓଡ଼ିଶାରେ ଇଂରାଜୀ ଶିକ୍ଷାର ତଥା ଖ୍ରୀଷ୍ଟିଆନ ଧର୍ମର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିଲେ ।

୧୮୬୬ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା । ବହୁଲୋକ ଅନାହାରରେ ମୃତ୍ୟୁ ମୁଖରେ ପଡ଼ିଲେ । ଏହି ପରିସ୍ଥିତିକୁ ସମ୍ଭାଳିବା ଦିଗରେ ବ୍ରିଟିଶ ସରକାର ସମ୍ପୂର୍ଣ୍ଣ ଭାବରେ ଅସମର୍ଥ ହେଲା । ଏହି ସମୟରେ ଓଡ଼ିଶାର ଦୁଃଖ ଦୁର୍ଦ୍ଦଶାକୁ ଲୋକଲୋଚନକୁ ଆଣି ଜନଚେତନାର ବିକାଶ ସାଙ୍ଗକୁ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ ଲାଗି ଏକ ସମ୍ବାଦ ପତ୍ର ପ୍ରକାଶନର ଆବଶ୍ୟକତା ଅନୁଭୂତି ହେଲା । ଓଡ଼ିଆ ଭାଷାବାଦୀ ଅଞ୍ଚଳରେ ବାସ୍ତବ ସମସ୍ୟା ଉପସ୍ଥାପନ ଲାଗି କର୍ମବୀର ଗୌରୀଶଙ୍କର ରାୟ ପ୍ରଥମ ଓଡ଼ିଆ ସମ୍ବାଦ ପତ୍ର "ଉତ୍କଳ ଦୀପିକା" ପ୍ରକାଶ କରିଥିଲେ । ସମୟର କଷଟି ପଥରରେ ପରୀକ୍ଷିତ ହୋଇ ଏହି ସମ୍ବାଦ ପତ୍ର ୧୮୬୬ରୁ ୧୯୩୪ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା । ଏହି ସମୟ ଥିଲା ଓଡ଼ିଶା ପକ୍ଷରେ ସଙ୍କଟର ସମୟ । ଓଡ଼ିଆ ଭାଷାର ସୁରକ୍ଷା ଦିଗରେ ମଧ୍ୟ ବହୁବିଧ ଉଦ୍ୟମ ହୋଇଥିଲା ଓ ଅବଶେଷରେ ୧୯୩୬ ଏପ୍ରିଲ ପହିଲାରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା । ଏହି ସମୟରେ ସମ୍ବାଦପତ୍ର ତଥା ପତ୍ର ପତ୍ରିକାର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ୧୮୬୧ରେ ବାଲେଶ୍ୱରରୁ "ବୋଧ ଦାୟିନୀ" ପତ୍ରିକା ପ୍ରକାଶିତ ହୋଇଥିଲା । ଉତ୍କଳ ଦୀପିକା କଟକ ପ୍ରିଣ୍ଟ୍ କମ୍ପାନୀର ସାପ୍ତାହିକ ଭାବରେ ପ୍ରକାଶ ପାଇଥିଲା ।

୧୮୮୫ରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହୋଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀଙ୍କ ଅଧକ୍ଷତାରେ ସର୍ବଭାରତୀୟ ସ୍ତରରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଦୟନୀୟ ସ୍ଥିତି ଓ ସମସ୍ୟାବଳୀ ଉପସ୍ଥାପନ ଲାଗି କର୍ମବୀର ଗୌରୀଶଙ୍କର ରାୟ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସ ଜାତୀୟ କଂଗ୍ରେସର ଦ୍ୱିତୀୟ ଅଧିବେଶନରେ ଯୋଗ ଦାନ କରିଥିଲେ । ଏହା ପରେ ସମ୍ବଲପୁରରୁ ୧୮୮୯ "ସମ୍ବଲପୁର ହିତୈଷିଣୀ" ପ୍ରକାଶ ପାଇଥିଲା ।

ଦି କଟକ ମିଶନ୍ ପ୍ରେସ୍ ପ୍ରତିଷ୍ଠିତ ହେବା ପରେ ଓଡ଼ିଶାରେ ମୁଦ୍ରଣାଳୟ ପ୍ରତିଷ୍ଠା ତଥା ମୁଦ୍ରିତ ପୁସ୍ତକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଜନସାଧାରଣଙ୍କର ଆଦର ବଢ଼ିଥିଲା ।

ନଅଙ୍କ ଦୁର୍ଭିକ୍ଷ ସମୟରେ ଓଡ଼ିଶା ଡିଭିଜନର ତତ୍କାଳୀନ କମିଶନର ଟି. ଇ ରେଭେନ୍‌ସା ତାଙ୍କର ସିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ପ୍ରବର୍ତ୍ତାଇ କଟକ ପ୍ରିଣ୍ଟି ପ୍ରେସ୍ ପ୍ରତିଷ୍ଠା କରାଇଥିଲେ ଓ ସରକାରଙ୍କୁ ଗଠନମୂଳକ ଭାବରେ ସମାଲୋଚନା କରିବା ନିମନ୍ତେ ଏକ ସମ୍ବାଦ ପତ୍ର ପ୍ରକାଶନ ଲାଗି ପରାମର୍ଶ ଦେଇଥିଲେ ।

(i) ଦି କଟକ ମିଶନ୍ ପ୍ରେସ୍ କେବେ କାହା ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ?

(ii) ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ବେଳେ କାହା ଦ୍ୱାରା କେଉଁ ସମ୍ବାଦପତ୍ର ପ୍ରକାଶିତ ହେଲା ?

(iii) ଉପରୋକ୍ତ ସମ୍ବାଦପତ୍ର ପ୍ରକାଶନର ଉଦ୍ଦେଶ୍ୟ କ'ଣ ଥିଲା ?

(iv) କେଉଁ ସମୟ ଥିଲା ଓଡ଼ିଶା ପକ୍ଷରେ ସଂକଟର ସମୟ ? ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ?

(v) ଜାତୀୟ କଂଗ୍ରେସ କେବେ ପ୍ରତିଷ୍ଠିତ ହେଲା ? ଏହାର ଅଧିବେଶନରେ ଓଡ଼ିଶାର କେଉଁ ନେତା ଯୋଗ ଦେଇଥିଲେ ?

## ୫. ମୃତ୍ୟୁ ବିଜୟୀ ବାଳକ

ମହର୍ଷି ବାଜଶ୍ରବାଙ୍କର 'ବିଶ୍ୱଜିତ୍' ଯଜ୍ଞପୀଠରେ ବହୁ ଦୂରାନ୍ତରରୁ ଆସି ଅତିଥି ଅଭ୍ୟାଗତମାନେ ଉପସ୍ଥିତ ହୋଇଅଛନ୍ତି । ଋଷି ପ୍ରଫୁଲ୍ଲ ମନରେ ଗୋଟି ଗୋଟି କରି ନିଜର ସମସ୍ତ ସମ୍ପତ୍ତିକୁ ଅପରକୁ ଦାନ କରିବାରେ ଲାଗିଛନ୍ତି । କାରଣ ଏହି ଯଜ୍ଞର ନିୟମ ହେଉଛି ଯେ, ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ଜଣ ଜଣ କରି ଅଭ୍ୟାଗତଙ୍କର ଅର୍ଚ୍ଚନା କରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଛନ୍ତି ଏବଂ ଅଭ୍ୟାତମାନେ ଋଷିଙ୍କୁ ଯଜ୍ଞଫଳ ଲାଭ କରିବାର ଆଶୀର୍ବାଦ ଦେଇ ନିଜ ନିଜ ସ୍ଥାନକୁ ପ୍ରତ୍ୟାଗମନ କରୁଛନ୍ତି ।

ଯଜ୍ଞ ପ୍ରାୟ ଶେଷ ହୋଇ ଆସଛନ୍ତି । ଋଷି ତାଙ୍କର ସମସ୍ତ ସମ୍ପତ୍ତି ଦାନ କରିସାରିଛନ୍ତି । ବର୍ତ୍ତମାନ ଋଷି ପୁରୋହିତମାନଙ୍କୁ ପଲେ ଗାଈ ଦାନ କରୁଛନ୍ତି । କିନ୍ତୁ ଗାଈଗୁଡ଼ିକ ଅତି ରୁଗଣ ଓ ଜୀର୍ଣ୍ଣଶୀର୍ଣ୍ଣ । ବାଜଶ୍ରବାଙ୍କର ପୁତ୍ର ବାଳକ ନଚିକେତା ଦୃଷ୍ଟିଚିତ୍ତରେ ସମସ୍ତ ଲକ୍ଷ କରୁଥିଲେ । ବର୍ତ୍ତମାନ ବାପା ଏହି ଅକର୍ମଣ୍ୟ ଓ ରୁଗଣ ଗାଈଗୁଡ଼ିକୁ ଦକ୍ଷିଣା ଦେଉଥିବାର ଦେଖି ସେ ବିସ୍ମିତ ଓ ମର୍ମାହତ ହେଲେ । ବାପା ତାଙ୍କର ଏ କ'ଣ କରୁଛନ୍ତି ?

ସ୍ୱାସ୍ଥ୍ୟହୀନ ରୁଗଣ ଓ ଜରାଜୀର୍ଣ୍ଣ ଏଇ ଗାଈ ସବୁ ଦକ୍ଷିଣା ଦେଇ ବାପା କଅଣ ପୁଣ୍ୟ ଅର୍ଜନ କରିବାକୁ ଚାହାଁନ୍ତି ? ନଚିକେତାଙ୍କ ମନରେ ଶୁଭ ବୁଦ୍ଧି ଉଦିତ ହେଲା । ପିତାଙ୍କ ନିକଟରେ ଉପସ୍ଥାପିତ ହୋଇ ସେ ପ୍ରଶ୍ନ କଲେ, "ବାପା, ବିଶ୍ୱଜିତ ଯଜ୍ଞରେ ସର୍ବ ସତ୍ୱ ଦାନ କଲେ, କୁହନ୍ତୁ ମୋତେ କାହାକୁ ଦାନ କଲେ ।" ବାଜଶ୍ରବା ପୁତ୍ରର ଏ ପ୍ରଶ୍ନ ପ୍ରତି ଧ୍ୟାନ ଦେଇନାହାନ୍ତି । କିଛି ସମୟପରେ ଦ୍ୱିତୀୟବାର ପିତାଙ୍କ ନିକଟକୁ ଯାଇ ପୁଣି ସେ ପଚାରିଲେ କିନ୍ତୁ ଯଜ୍ଞ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ପୁତ୍ରର ସେଇ ପ୍ରଶ୍ନର ଉତ୍ତର ନ ଦେଇ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ବାଳକ ନଚିକେତା ଅନୁଭବ କଲେ ଯେ ପିତାଙ୍କର ବିଶ୍ୱଜିତ ଯଜ୍ଞ ନିଷ୍ଫଳ ହେବ । କାରଣ ପୁତ୍ର ସ୍ନେହରେ ଅନ୍ଧ ହୋଇ ସେ ପୁତ୍ରକୁ ଅପରକୁ ଦାନ କରିବାକୁ କୁଣ୍ଠିତ ହେଉଛନ୍ତି । ତେଣୁ ସେ ପୁନର୍ବାର ପିତାଙ୍କ ନିକଟକୁ ଯାଇ କହିଲେ, "ବାପା, ବିଶ୍ୱଜିତ ଯଜ୍ଞ ଫଳ ପାଇବାକୁ ଇଚ୍ଛା ଥିଲେ ମୋତେ ବାଧ୍ୟ ଅନ୍ୟକୁ ଦାନ କରନ୍ତୁ । କୁହନ୍ତୁ, ମୋତେ କାହାକୁ ଦାନ କଲେ ?" ଋଷି ବାଜଶ୍ରବା ଏଥର ବିରକ୍ତ ହୋଇ କହିଲେ, "ହଁ ଯମକୁ, ତୋତେ ଯମକୁ ମୁଁ ଦାନ କଲି ।"

i. ନଚିକେତାଙ୍କ ପିତାଙ୍କ ନାକ କ'ଣ ଥିଲା ? ସେ କେଉଁ ଯଜ୍ଞ କରୁଥିଲେ ?

Ans:- ନଚିକେତାଙ୍କ ପିତାଙ୍କ ନାମ ମହର୍ଷି ବାଜଶ୍ରବାଙ୍କର ଥିଲା । ସେ "ବିଶ୍ୱଜିତ୍" ଯଜ୍ଞ କରୁଥିଲେ ।

ii. ଯଜ୍ଞର ନିୟମ କଣ ଥିଲା ଓ ଋଷି ଅତିଥିମାନଙ୍କୁ କ'ଣ ଦାନ କରୁଥିଲେ ?

Ans:- ଯଜ୍ଞର ନିୟମ ହେଉଛି ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦାନ କରିବେ । ଜଣ ଜଣ କରି ଅଭ୍ୟାଗତଙ୍କର ଅର୍ଚ୍ଚନା କରି ଋଷି ନିଜର ଭୂମି, ଧେନୁ, ସୁବର୍ଣ୍ଣ ପ୍ରଭୃତି ସମସ୍ତ ଦାନ କରୁଥିଲେ ।

iii. ନଚିକେତା କେଉଁ କାରଣରୁ ଦୁଃଖିତ ହେଲେ ?

Ans:- ନଚିକେତା ଯେତେବେଳେ ଦେଖିଲେ ବାପା ଅକର୍ମଣ ଓ ରୁଗ୍ଣ ଗାଈଗୁଡ଼ିକ ଦକ୍ଷିଣା ଦେଉଛନ୍ତି ସେତେବେଳେ ସେ ଦୁଃଖିତ ହେଲେ ।

iv. ପିତାଙ୍କ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ ବୋଲି ନଚିକେତା କାହିଁକି ଭାବିଲେ ?

Ans:- ପିତାଙ୍କ ଯଜ୍ଞ ନିଶ୍ଚୟ ନିଷ୍ଫଳ ହେବ ବୋଲି ନଚିକେତା ଭାବିଲେ କାରଣ ପିତା ଅକର୍ମଣ୍ୟ ଓ ରୁଗ୍ଣ ଗାଈଗୁଡ଼ିକୁ ଦାନ କରୁଥିଲେ ।

v. ଋଷି ବାଜଶ୍ରବା ବିରକ୍ତ ହୋଇ ନଚିକେତାଙ୍କୁ କ'ଣ କହିଥିଲେ ?

Ans:- ଋଷି ବାଜଶ୍ରବା ବିରକ୍ତ ହୋଇ ନଚିକେତାଙ୍କୁ କହିଥିଲେ "ହଁ ଯମକୁ, ତୋତେ ଯମକୁ ଦାନ କଲି ।"

## ୬.	ଇଂରେଜ ବୈରୀ ସିରାଜ

ବୃଦ୍ଧ ନବାବ ଚିର ଦିନ ପାଇଁ ଚକ୍ଷୁ ମୁଦ୍ରିତ କଲେ । ସିରାଜ ମହାସମାରୋହରେ ପ୍ରସିଦ୍ଧ ମୁର୍ଶିଦାବାଦ ରାଜ ସିଂହାସନ ଅଂଳକୃତ କଲେ, ସେବେଳକୁ ତାଙ୍କର ବୟସ ସପ୍ତଦଶ ବର୍ଷ ମାତ୍ର । ଏଣିକି ତାଙ୍କ ଭୟରେ କଲିକତାର ଇଂରେଜମାନେ ଥରହର ହେବାକୁ ଲାଗିଲେ ।

ଏହି ସମୟରେ ଦୁଇଟି ବିଶିଷ୍ଟ ଘଟଣା ସଂଘଟିତ ହେଲା । ରାଜବଲ୍ଲମ୍ଭ ନାମରେ ଢାକାରେ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ରାଜକୀୟ ଧନ ଆତ୍ମସାତ୍ କରିଥିବା ଅଭିଯୋଗରେ କାରରୁଦ୍ଧ ହେଲେ । ସେହି ସମ୍ବାଦ ପାଇ ତାଙ୍କ ପୁତ୍ର କୃଷ୍ଣବଲ୍ଲଭ ପିତାଙ୍କର ସମସ୍ତ ଅସ୍ଥାବର ସମ୍ପତ୍ତି ସହ ଗୋପନରେ କଲିକତାକୁ ପଳାୟନ କଲେ । ଇଂରେଜମାନେ ତାଙ୍କୁ ସେଠାରେ ଅଭୟ ଆଶ୍ରୟ ଦେଇ ଅନ୍ୟାୟର ପକ୍ଷ ସମର୍ଥନ କଲେ ।

ଦ୍ୱିତୀୟ ଘଟଣାଟି ହେଉଛି ଆହୁରି ଗୁରୁତର ସ୍ୱର୍ଗତ ନବାବ ଆଲିବର୍ଦ୍ଧିତଙ୍କର ନିର୍ଦ୍ଦେଶ ଥିଲା, ଇଂରେଜମାନେ ଆଉ କୌଣସି ନୂତନ ଜିଲ୍ଲା ନିର୍ମାଣ କରିପାରିବେ ନାହିଁ । କିନ୍ତୁ ଗୁପ୍ତଚର ମୁଖରୁ ସିରାଜଙ୍କର ଶ୍ରୁତିଗୋଚର ହେଲା ଯେ ଇଂରେଜମାନେ ବର୍ତ୍ତମାନ ସେହି ସର୍ତ୍ତ ଲଂଘନ କରି କଲିକତାରେ ପୁରାତନ ଦୁର୍ଗକୁ ସଂସ୍କାର କରିବା ସଙ୍ଗେ ସଙ୍ଗେ ବାଗବାତାରରେ ଗୋଟିଏ ନୂତନ ଉପଦୁର୍ଗ ମଧ୍ୟ ନିର୍ମାଣ କରୁଛନ୍ତି ।

ସିରାଜ ଏ ଦୁଇ ଘଟଣାରୁ ଇଂରେଜମାନଙ୍କ ଗୁପ୍ତ ଅଭିସନ୍ଧି ସ୍ପଷ୍ଟ ବୁଝି ପାରିଲେ ଏହି ଅବୈଧ କାର୍ଯ୍ୟର ଘୋର ପ୍ରତିବାଦ କରି ସେ କଲିକତାସ୍ଥ ଇଂରେଜମାନଙ୍କ ଗମର୍ଣ୍ଣର ଡେକ୍ ସାହେବଙ୍କ ନିକଟକୁ ଦୂତ ହସ୍ତରେ ଖଣ୍ଡିଏ ପତ୍ର ପ୍ରେରଣ କଲେ । ଯଥା ସମୟରେ ଦୂତ ଯାଇ ଗଭର୍ଣ୍ଣରଙ୍କୁ ପତ୍ରଟି ଦେଲା, ମାତ୍ର ଉଦ୍ଧତ ଡେକ୍ କୌଣସି କଥା ବିଚାରକୁ ନ ନେଇ ଉକ୍ତ ଦୂତକୁ ନାନା ଭାବରେ ଅପମାନିତ କରି ସେଠାରୁ ତଡ଼ି ଦେଲେ ।

ଦୂତ ପ୍ରତି ଏତାଦୃଶ ଅପମାନର ଅର୍ଥ ସ୍ୱୟଂ ନବାବଙ୍କ ପ୍ରତି ଅପମାନ । ସିରାଜ ଏହା ଶୁଣି ଅତ୍ୟନ୍ତ କ୍ରୁଦ୍ଧ ହୋଇ ଉଠିଲେ । ମୁଷ୍ଟିମେୟ ଦଳେ ଫିରିଙ୍ଗି ସଉଦାଗର ଯଦି ପଦେ ପଦେ ନବାବଙ୍କ ଆଦେଶ ଲଂଘନ କରି ତାଙ୍କୁ ଅପମାନ ଦେବାକୁ ସାହସ କରନ୍ତି ତାହା ହେଲେ ନବାବ ପଦର ମର୍ଯ୍ୟାଦା ରହିଲା କେଉଁଠାରେ ? ତେଣୁ ଫିରିଙ୍ଗମାନଙ୍କ ଆସ୍ଫାଳନ ଚୂର୍ଣ୍ଣ କରିବା ହେଲା ତାଙ୍କର ପ୍ରଥମ କର୍ତ୍ତବ୍ୟ ।

ସଙ୍ଗେ ସଙ୍ଗେ ଇରୋଜମାନଙ୍କ ସହିତ ସିରାଜଙ୍କର ସଂଘର୍ଷ ଆରମ୍ଭ ହେଲା । ସିରାଜ ସୈନ୍ୟଦଳ ଘେନି କାଶିମ ବଜାରରେ ଉପସ୍ଥିତ ହେଲେ । ସେଠାରେ ଇଂରେଜମାନଙ୍କ କୋଠି ଓ କିଲ୍ଲା ଥାଏ ।

i.	ବଙ୍ଗଳାର ବୃଦ୍ଧ ନବାବଙ୍କ ନାମ କ'ଣ ଥିଲା ?

Ans:-	ବଙ୍ଗଳାର ବୃଦ୍ଧ ନବାବଙ୍କ ନାମ ଆଲିବର୍ଦ୍ଧି ଥିଲା ।

ii.	ନବାବ ହେଲା ବେଳକୁ ସିରାଜଙ୍କୁ କେତେ ବର୍ଷ ହୋଇଥିଲା ?

Ans:-	ନବାବ ହେଲା ବେଳକୁ ସିରାଜଙ୍କୁ ସପ୍ତଦଶ ବର୍ଷ ହୋଇଥିଲା ।

iii.	କୃଷ୍ଣବଲ୍ଲଭ କିଏ ? ସେ କ'ଣ କଲେ ?

Ans:-	କୃଷ୍ଣବଲ୍ଲଭ ରାଜବଲ୍ଲଭଙ୍କ ପୁତ୍ର । ସେ ପିତାଙ୍କ ସମସ୍ତ ଅସ୍ଥାବର ସମ୍ପତ୍ତି ସହ ଗୋପରେ କଲିକତାକୁ ଲାୟନ କଲେ ।

iv.	ଇଂରେଜମାନଙ୍କର କଲିକତାରେ ୁରାତନ ଦୁର୍ଗ ସଂସ୍କାର ଓ ବାଗ ବଜାରରେ ନୂତନ ଉଦୁର୍ଗ ନିର୍ମାଣ ଖବର କିଏ ସିରାଜଙ୍କୁ ଦେଲା ?

Ans:-	ଏହି ଖବର ଗୁପ୍ତଚରଙ୍କ ମୁଖରୁ ସିରାଜଙ୍କୁ ଅବଗତ ହେଲା ।

v.	ଗଭର୍ଣ୍ଣର ଡେକଙ୍କ ଉପରେ ସିରାଜ କାହିଁକି ରାଗିଗଲେ ?

Ans:-	ଗଭର୍ଣ୍ଣର ଡେକ ଦୂତଙ୍କୁ ଅପମାନିତ କରି ତଡ଼ିଦେଇ ଥିଲେ, ତେଣୁ ସିରାଜ ତାଙ୍କ ଉପରେ ରାଗିଥିଲେ ।

## ୭.	ବ୍ୟାକରଣ

### (i)	ପ୍ରତିଶବ୍ଦ	(୧ ନମ୍ବର)

| | ଶବ୍ଦ | | ପ୍ରତିଶବ୍ଦ |
|---|---|---|---|
| ୧. | ଆନନ୍ଦ | - | ସୁଖ, ହର୍ଷ |
| ୨. | ଅତିଥି | - | ଅଭ୍ୟାଗତ, ଆଗନ୍ତୁକ |
| ୩. | ମେଘ | - | ନୀରଦ, ବାରିଦ |
| ୪. | ରାଜା | - | ନୃପ, ନୃପତି |
| ୫. | ଜଳ | - | ନୀର, ପୟ |
| ୬. | ଝିଅ | - | କନ୍ୟା, ଦୁହିତା |
| ୭. | ପକ୍ଷୀ | - | ଖଗ, ଦ୍ୱିଜ |
| ୮. | ଦେହ | - | ଶରୀର, ତନୁ |

| | | | |
|---|---|---|---|
| ୯. | ନଡ଼ିଆ | - | ନାରିକେଳ, ଶ୍ରୀଫଳ |
| ୧୦. | ଅମ୍ବର | - | ଆକାଶ, ଗଗନ, ବ୍ୟୋମ, ନଭ, ଅନ୍ତରୀକ୍ଷ |
| ୧୧. | ଅଗ୍ନି | - | ଅନଳ, ହୁତାଶନ, ଚିତ୍ରଭାନୁ, ବହ୍ନି, ନିଆଁ, ଜ୍ୱଳନ, |
| ୧୨. | ଅସୁର | - | ରାକ୍ଷସ, ଦନୁଜ, ଦାନବ, ଦୈତ୍ୟ, କର୍ବୁର, କୌଣପନିଶାଚର, ଯାତୁଧାନ |
| ୧୩. | ଗାଈ | - | ଧେନୁ, ଗାଭୀ, ଗୋମାତା |
| ୧୪. | ଘର | - | ଗୃହ, ଭବନ, ସଦନ, ଆଗାର, ଆଳୟ, ନିକେତନ, ନିଳୟ, ନିବାସ |
| ୧୫. | ଘୋଡ଼ା | - | ଘୋଟକ, ତୁରଙ୍ଗ, ତୁରଗ, ତୁରଙ୍ଗମ, ଅଶ୍ୱ, ହୟ, ବାଜି |
| ୧୬. | ଚକ୍ଷୁ | - | ନୟନ, ନେତ୍ର, ଲୋଚନ, ଆଖି |
| ୧୭. | ଚନ୍ଦ୍ର | - | ଜହ୍ନ, ଚନ୍ଦ୍ରମା, ଇନ୍ଦୁ, ମୃଗାଙ୍କ, ଶଶାଙ୍କ, କଳାକାର, ସୁଧାକର, ଶଶୀ, ବିଧୁ, ଚାନ୍ଦ, କଳାନିଧି |
| ୧୮. | ଦେବତା | - | ଦେବ, ଅମର |
| ୧୯. | ନଦୀ | - | ତଟିନୀ, ତରଙ୍ଗିଣୀ |
| ୨୦. | ପୃଥିବୀ | - | ଧରଣୀ, ଅବନୀ, ଧରଣୀ |
| ୨୧. | ପବନ | - | ବାତ, ସମୀର, ବାୟୁ |
| ୨୨. | ପର୍ବତ | - | ଗିରି, ଶୈଳ |
| ୨୩. | ପଦ୍ମ | - | ପଙ୍କଜ, କମଳ |
| ୨୪. | ପିତା | - | ଜନକ, ବାପା |
| ୨୫. | ପୁତ୍ର | - | କୁମର, ତନୟ |
| ୨୬. | ପୋଖରୀ | - | ପୁଷ୍କରିଣୀ, ସରୋବର |
| ୨୭. | ପ୍ରଭାତ | - | ଉଷା, ପ୍ରତ୍ୟୁଷ |
| ୨୮. | ଫୁଲ | - | ସୁମନ, କୁସୁମ, ପୁଷ୍ପ |
| ୨୯. | ବୃକ୍ଷ | - | ଦ୍ରୁମ, ତରୁ, ମହୀରୁହ |
| ୩୦. | ବିଜୁଳି | - | ବିଦ୍ୟୁତ୍, ଚପଳା, ଚଞ୍ଚଳା, କ୍ଷଣପ୍ରଭା |

**(ii) ବିପରୀତାର୍ଥବୋଧକ ଶବ୍ଦ** **(୧ ନମ୍ବର)**

| | | | |
|---|---|---|---|
| ୧. | ଅଗ | - | ମୂଳ |
| ୨. | ଅଗ୍ରଜ | - | ଅନୁଜ |
| ୩. | ଆମଦାନୀ | - | ରପ୍ତାନୀ |
| ୪. | ବିପଦ | - | ନିରାପଦ |
| ୫. | ଆଦାନ | - | ପ୍ରଦାନ |
| ୬. | ଆଗ | - | ପଛ |
| ୭. | ଅଧିକ | - | ଅନଧିକ/ଊଣା |
| ୮. | ଅନୁରାଗ | - | ବିରାଗ |
| ୯. | ଅନୁକୂଳ | - | ପ୍ରତିକୂଳ |
| ୧୦. | ଅମୃତ | - | ବିଷ/ହଳାହଳ |
| ୧୧. | ଅନୁରକ୍ତ | - | ବିରକ୍ତ |
| ୧୨. | ଅନୁଗ୍ରହ | - | ନିଗ୍ରହ |
| ୧୩. | ଅପେକ୍ଷା | - | ଉପେକ୍ଷା |
| ୧୪. | ଅଭିଜ୍ଞ | - | ଅନଭିଜ୍ଞ |
| ୧୫. | ଅସଲ | - | ନକଲ |
| ୧୬. | ଅଲଣା | - | ଲୁଣିଆ |
| ୧୭. | ଅବାଧ | - | ବାଧ |

| | | | |
|---|---|---|---|
| ୧୮. | ଆନନ୍ଦ | - | ନିରାନନ୍ଦ, ବିଷାଦ |
| ୧୯. | ଆପଣା | - | ପର |
| ୨୦. | ଆଲୁଅ | - | ଅନ୍ଧାର |
| ୨୧. | ଆସ୍ତିକ | - | ନାସ୍ତିକ |
| ୨୨. | ଆଶୀର୍ବାଦ | - | ଅଭିଶାପ |
| ୨୩. | ଆବିର୍ଭାବ | - | ତିରୋଗାବ/ତିରୋଧାନ |
| ୨୪. | ଆବାହନ | - | ବିସର୍ଜନ |
| ୨୫. | ଆଦାନ | - | ପ୍ରଦାନ |
| ୨୬. | ଆରୋହ | - | ଅବରୋହ |
| ୨୭. | ଆରୋଣ | - | ଅବରୋହଣ |
| ୨୮. | ଅତୀତ | - | ବର୍ତ୍ତମାନ |
| ୨୯. | ଇହ | - | ପର |
| ୩୦. | କଠିନ | - | କୋମଳ |

### (iii) ସମୋଚ୍ଚାରିତ ଶବ୍ଦ (୧ ନମ୍ବର)

| | | | |
|---|---|---|---|
| ୧. | ଅନିଳ | - | ପବନ |
| | ଅନୀଳ | - | ଯାହା ନୀଳ ନୁହେଁ |
| ୨. | ଅବାଧ | - | ବାଧାହୀନ |
| | ଅବାଧ୍ୟ | - | ଅମାନିଆ |
| ୩. | ଅଶୀ | - | ସଂଖ୍ୟା ସୂଚକ |
| | ଅସି | - | ଖଣ୍ଡା |
| ୪. | ଆବରଣ | - | ଘୋଡ଼ାଇବା |
| | ଆଭରଣ | - | ଭୂଷଣ |
| ୫. | କୋମଳ | - | ନରମ |
| | କମଳ | - | ପଦ୍ମ |
| ୬. | ଖତ | - | ସାର |
| | କ୍ଷତ | - | ଘାଆ |
| ୭. | କୁଳ | - | ବଂଶ |
| | କୂଳ | - | ନଦୀ, ସାଗର ତୀର |
| ୮. | ନିତି | - | ପ୍ରତ୍ୟହ |
| | ନୀତି | - | ନିୟମ |
| ୯. | ନିଧନ | - | ବିନାଶ |
| | ନିର୍ଦ୍ଧନ | - | ଧନହୀନ |
| ୧୦. | ଅନ୍ନ | - | ଭାତ |
| | ଅର୍ଣ୍ଣ | - | ଜଳ |
| ୧୧. | ଅଳିକ | - | ଲଲାଟ |
| | ଅଳୀକ | - | ମିଥ୍ୟା |
| ୧୨. | ଆହୁତି | - | ଯଜ୍ଞରେ ଘୃତ ଆହୁତି |
| | ଆହୂତି | - | ଆହ୍ୱାନ |
| ୧୩. | ଆୟତ | - | କ୍ଷେତ୍ର ବିଶେଷ |
| | ଆୟତ୍ତ | - | ଅଧୀନ |

| | | | |
|---|---|---|---|
| ୧୪. | ଆବୃତ | - | ଆଚ୍ଛାଦିତ |
| | ଆବୃତ୍ତ | - | ଅଭ୍ୟାସ / ପୁନଃ ପୁନଃ ଉଚ୍ଚାରିତ |
| ୧୫. | ଇତି | - | ଶେଷ |
| | ଈତି | - | ଅତିବୃଷ୍ଟି ଏବଂ ଅନାବୃଷ୍ଟି |
| ୧୬. | ଈଶ | - | ଈଶ୍ୱର |
| | ଈଷ | - | ଲଙ୍ଗଳ ଦଣ୍ଡ |
| ୧୭. | ଉପାଦାନ | - | ଉପକରଣ |
| | ଉପାଧାନ | - | ତକିଆ |
| ୧୮. | କୁଳ | - | ବଂଶ |
| | କୂଳ | - | ତଟ |
| ୧୯. | କୁଜନ | - | ଖରାପଲୋକ |
| | କୂଜନ | - | ପକ୍ଷୀର ରବ |
| ୨୦. | କୃତି | - | କାର୍ଯ୍ୟ |
| | କୃତୀ | - | ଦକ୍ଷ |
| ୨୧. | କାଳୀ | - | ଦୁର୍ଗା |
| | କାଳି | - | କାଳିମା / ବାକି |
| ୨୨. | ଗିରିଶ | - | ମହାଦେବ |
| | ଗିରୀଶ | - | ଗିରିଶ୍ରେଷ୍ଠ (ହିମାଳୟ) |
| ୨୩. | ଗୁଣି | - | ତନ୍ତ୍ରବିଦ୍ୟା |
| | ଗୁଣୀ | - | ଗୁଣବାନ |
| ୨୪. | ଚରିତ | - | କଥା / ବିଷୟ |
| | ଚରିତ୍ର | - | ଆଚରଣ |
| ୨୫. | ଚିର | - | ଦୀର୍ଘଦିନ |
| | ଚୀର | - | ଚିରା / ଛିଣ୍ଡାକନା |
| ୨୬. | ଚୂତ | - | ଆମ୍ର |
| | ଚ୍ୟୁତ | - | ସ୍ଖଳିତ |
| ୨୭. | ଜବ | - | ବେଗ |
| | ଯବ | - | ଶସ୍ୟ ବିଶେଷ |
| ୨୮. | ଜାତ | - | ଜନ୍ମ ହୋଇଥିବା / ଉତ୍ପନ୍ନ |
| | ଯାତ | - | ଯାତ୍ରା / ଯାଇଥିବା |
| ୨୯. | ତରଣି | - | ସୂର୍ଯ୍ୟ |
| | ତରଣୀ | - | ନୌକା |
| ୩୦. | ଦିନ | - | ଦିବସ |
| | ଦୀନ | - | ଦରିଦ୍ର / ଗରିବ |

**(iv) ଅଶୁଦ୍ଧ - ଶୁଦ୍ଧ** **(୧ ନମ୍ବର)**

| | | | |
|---|---|---|---|
| ୧. | ଧନି | - | ଧନୀ |
| ୨. | ଦୋଷି | - | ଦୋଷୀ |
| ୩. | ବ୍ରତ୍ତମାନ | - | ବର୍ତ୍ତମାନ |
| ୪. | ଖୁଦ୍ର | - | କ୍ଷୁଦ୍ର |
| ୫. | ମୂହୁର୍ତ୍ତ | - | ମୁହୂର୍ତ୍ତ |

| | | | |
|---|---|---|---|
| ୬. | ଜର | - | ଜ୍ୱର |
| ୭. | ବିସାଦ | - | ବିଷାଦ |
| ୮. | ମୁଷା | - | ମୂଷା |
| ୯. | ମୁଖସ୍ତ | - | ମୁଖସ୍ଥ |
| ୧୦. | ଉତ୍କଳିୟ | - | ଉତ୍କଳୀୟ |
| ୧୧. | ଭୂବନେଶ୍ୱର | - | ଭୁବନେଶ୍ୱର |
| ୧୨. | ଭୂଲ | - | ଭୁଲ୍ |
| ୧୩. | ତ୍ରିଭୂଜ | - | ତ୍ରିଭୁଜ |
| ୧୪. | ମୂଖ୍ୟ | - | ମୁଖ୍ୟ |
| ୧୫. | ମୁକ | - | ମୂକ |
| ୧୬. | ଆଶୀଷ | - | ଆଶିଷ |
| ୧୭. | ଆରତୀ | - | ଆରତି |
| ୧୮. | ଜୀବୀତ | - | ଜୀବିତ |
| ୧୯. | ଆନୁସଙ୍ଗିକ | - | ଆନୁଷଙ୍ଗିକ |
| ୨୦. | ଗୋଲକ ବିହାରୀ | - | ଗୋଲୋକ ବିହାରୀ |
| ୨୧. | ଲଜ୍ୟା | - | ଲଜ୍ଜା |
| ୨୨. | ଧନୀକ | - | ଧନିକ |
| ୨୩. | ପ୍ରଚୂର | - | ପ୍ରଚୁର |
| ୨୪. | ପତିତପାବିନୀ | - | ପତିତପାବନୀ |
| ୨୫. | ଶ୍ରୀକୃର୍ଷ୍ଣ | - | ଶ୍ରୀକୃଷ୍ଣ |
| ୨୬. | ଦୁର୍ଗା | - | ଦୁର୍ଗା |
| ୨୭. | ସାହାସ | - | ସାହସ |
| ୨୮. | ସାହାର୍ଯ୍ୟ | - | ସାହାଯ୍ୟ |
| ୨୯. | ନିରୁପଣ | - | ନିରୂପଣ |
| ୩୦. | ପ୍ରତିଯୋଗୀତା | - | ପ୍ରତିଯୋଗିତା |

**(v) ଅର୍ଥ ପ୍ରକାଶ କର ।** **(୧ ନମ୍ବର)**

| | | | |
|---|---|---|---|
| ୧. | ମାମୁଲି କଥା | - | ସାଧାରଣ କଥା |
| ୨. | ଫିଠିରେ ପଡ଼ିବା | - | ସାହାଯ୍ୟ କରିବା |
| ୩. | ଭେଳା ବୁଡ଼ିବା | - | ସର୍ବନାଶ ଘଟିବା |
| ୪. | ଫାଙ୍କି ଦେବା | - | ଠକି ଦେବା |
| ୫. | ନାକ ଟେକିବା | - | ଘୃଣା କରିବା |
| ୬. | ଦାନ୍ତ ଦେଖାଇବା | - | ପରିହାସ କରିବା |
| ୭. | ନାଟର ଗୋବର୍ଦ୍ଧନ | - | ସବୁ କଳହର ମଞ୍ଜି |
| ୮. | ବେଡ଼ି ଉପରେ କୋରଡ଼ା | - | ଦୁଃଖ ଉପରେ ଦୁଃଖ |
| ୯. | ଭୁଆଁ ବୁଲେଇବା | - | ଭଣ୍ଡାଇବା |
| ୧୦. | ବଣ ବିଛୁଆତି | - | ଜନ୍ମରୁ ଦୁଷ୍ଟ |

**(vi) ଏକ ପଦରେ ପ୍ରକାଶ କର ।** **(୧ ନମ୍ବର)**

| | | | |
|---|---|---|---|
| ୧. | ନାହିଁ କ୍ଷୟ ଯାହାର | - | ଅକ୍ଷୟ |
| ୨. | ନ ଉର୍ବର | - | ଅନୁର୍ବର |
| ୩. | ଜୀବନ ଥିବା ପର୍ଯ୍ୟନ୍ତ | - | ଆଜୀବନ |

୪. ଅଦିନରେ ଜାତ - ଅଦିନିଆ
୫. ଯାହାର ତୁଳନା ନାହିଁ - ଅତୁଳନୀୟ
୬. ମରଣ ପର୍ଯ୍ୟନ୍ତ - ଆମରଣ
୭. ପଛେ ପଛେ ଯିବା - ଅନୁଗମନ
୮. ଯାହା କୃତ୍ରିମ ନୁହେଁ - ଅକୃତ୍ରିମ
୯. ଅଳ୍ପ ବୟସ ହୋଇଛି ଯାହାର - ଅଳ୍ପବୟସ୍କ
୧୦. ପଛରେ ଯେ ଜନ୍ମ ହୋଇଅଛି - ଅନୁଜ

**(vii) ଗୋଟିଏ ଶବ୍ଦକୁ ଭିନ୍ନ ଅର୍ଥରେ ପ୍ରୟୋଗ କରି ବାକ୍ୟଗଠନ କର (୧ ନମ୍ବର)**

୧. କର - ହାତ, ଖଜଣା
୨. ଗୁରୁ - ଶିକ୍ଷକ, ଶ୍ରେଷ୍ଠ
୩. ଗୁଣ - ସ୍ୱଭାବ, ଗୁଣନ
୪. ଅର୍ଥ - ଉଦ୍ଦେଶ୍ୟ, ମୁଦ୍ରା
୫. ଅଙ୍କ - କୋଳ, ସଂଖ୍ୟା
୬. ପକ୍ଷ - ପାର୍ଶ୍ୱ, ଡେଣା
୭. ଉତ୍ତର - ଜବାବ, ଦିଗ
୮. ଅମ୍ବର - ବସ୍ତ୍ର, ଆକାଶ
୯. ଦଣ୍ଡ - ଯଷ୍ଟି, ଶାସ୍ତି
୧୦. ବର - ଆଶୀର୍ବାଦ, ସ୍ୱାମୀ

**(viii) ବାକ୍ୟଗୁଡ଼ିକ ଠିକ୍ କରି ଲେଖ :- (୧ ନମ୍ବର)**

**(୧) ବ୍ୟାକରଣଗତ ଅଶୁଦ୍ଧି -**

**(୨) ଅବ୍ୟବସ୍ଥ ବାକ୍ୟଗୁଡ଼ିକର ସଜ୍ଜୀକରଣ**

୧. ପ୍ରଶ୍ନ - ବଡ଼ ବଡ଼ ଯୋଜନାମାନ କାମ କଲେ ।

ଉତ୍ତର - ବଡ଼ ଯୋଜନାମାନ କାମ କଲା ।

୨. ପ୍ରଶ୍ନ - ବହୁ ଘଟଣାବଳୀ ଘଟୁଛି ।

ଉତ୍ତର - ବହୁ ଘଟଣା ଘଟୁଛି ।

୩. ପ୍ରଶ୍ନ - ଅନେକଗୁଡ଼ିଏ ଗଛମାନ ମରିଗଲେ ।

ଉତ୍ତର - ଅନେକ ଗଛ ମରିଗଲେ ।

୪. ପ୍ରଶ୍ନ - ବହୁ ଲୋକମାନେ ରୁଣ୍ଡ ହୋଇଥିଲେ ।

ଉତ୍ତର - ଲୋକମାନେ ରୁଣ୍ଡ ହୋଇଥିଲେ ।

୫. ପ୍ରଶ୍ନ - ଆବାଳବୃଦ୍ଧବନିତାଗଣ ସଭାରେ ଉପସ୍ଥିତ ଥିଲେ ।

ଉତ୍ତର - ଆବାଳବୃଦ୍ଧବନିତା ସଭାରେ ଉପସ୍ଥିତ ଥିଲେ ।

୬. ପ୍ରଶ୍ନ - ନୁହେଁ ଉଚିତ କରିବା କଳହ ବୃଥା । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ବୃଥା କଳହ କରିବା ଉଚିତ ନୁହେଁ । (ସଜ୍ଜିତ ବାକ୍ୟ)

୭. ପ୍ରଶ୍ନ - ଖରା ହୁଏ ଟାଣ ମାସରେ ଜ୍ୟେଷ୍ଠ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ଜ୍ୟେଷ୍ଠ ମାସରେ ଟାଣ ଖରା ହୁଏ । (ସଜ୍ଜିତ ବାକ୍ୟ)

୮. ପ୍ରଶ୍ନ - ଜନସେବକ ନୁହଁନ୍ତି ନେତା ଆଜିକାଲି ସବୁ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ଆଜିକାଲି ସବୁ ନେତା ଜନସେବକ ନୁହଁନ୍ତି । (ସଜ୍ଜିତ ବାକ୍ୟ)

୯. ପ୍ରଶ୍ନ - ଏକ ପକ୍ଷୀ ପ୍ରକାର ହଂସ ଅଟେ ଜଳରେ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ହଂସ ଏକ ପ୍ରକାର ଜଳଚର ପକ୍ଷୀ ଅଟେ । (ସଜ୍ଜିତ ବାକ୍ୟ)

୧୦. ପ୍ରଶ୍ନ - ଆସିଥିଲେ ଯାତ୍ରା ବାହୁଡ଼ା ଲୋକ ଦେଖିବାକୁ । (ଅବ୍ୟବସ୍ଥ ବାକ୍ୟ)

ଉତ୍ତର - ବାହୁଡ଼ା ଯାତ୍ରା ଦେଖିବାକୁ ବହୁତ ଲୋକ ଆସିଥିଲେ । (ସଜ୍ଜିତ ବାକ୍ୟ)

(ix) **ରୁଢ଼ି :**

୧. ଘୁଷୁରିକୁ ପାଚିଲା କଦଳୀ - ଅଯୋଗ୍ୟକୁ ଦାନ ଦେବା ।
୨. ଅହିନକୂଳ ସମ୍ପର୍କ - ଘୋର ଶତ୍ରୁତା ।
୩. ଚକ୍ଷୁ କୁଟିବା - ବୃଥା କାମ କରିବା ।
୪. ଗାଁ କନିଆ ସିଙ୍ଗଣୀ ନାକୀ - ନିଜ ଲୋକ ଭଲ ହେଲେ ବି ପସନ୍ଦ ନହେବା ।
୫. ହାତରେ ନ ମାରି ଭାତରେ ମାରିବା - ଜୀବିକା ନଷ୍ଟ କରିବା ।
୬. ବାଘ ଘରେ ମିରିଗ ନାଟ - ମୂରବୀ ଶୂନ୍ୟ ନିର୍ଭୀକତା ।
୭. ଧରାକୁ ସରା ମନେ କରିବା - ଅତି ଗର୍ବ କରିବା ।
୮. ଚାଲି ନ ଜାଣି ବାଟର ଦୋଷ - ନିଜ ଦୋଷ ଅନ୍ୟ ଉପରେ ପକାଇବା ।
୯. ଗୋଦରା କୋଡ଼େ ଯେତେ ମାଡ଼େ ସେତେ - ଆୟ ବ୍ୟୟ ସମାନ ।
୧୦. ମୁହଁରେ ଲଗାମ ଦେବା - କଥାକୁ ନିୟନ୍ତ୍ରଣରେ ରଖିବା ।
୧୧. ବାପାରାଣ ଢ଼ିଙ୍କି ଗିଲ୍ - ଅସାଧ୍ୟ କାର୍ଯ୍ୟ କରିବାକୁ ବାଧ୍ୟ କରିବା ।
୧୨. କଅଁଳ ଲୁହାକୁ ବିଲେଇ କାମୁଡ଼େ - ସରଳ ଲୋକକୁ ହଇରାଣ କରିବା ।
୧୩. ଓଳିଆକୁ ପଡ଼ି ଗଜା - ଜନ୍ମରୁ ଚତୁର ।
୧୪. ଖାଇବା ପତ୍ରରେ ଧୂଳି ଦେବା - ଜୀବିକା ନଷ୍ଟ କରିବା ।
୧୫. ଉଧାର ମଣକ ପାଞ୍ଚ ପା' - ଦୋଷ ଅନୁସାରେ ଫଳ ।
୧୬. ଅଦା ବେପାରୀର ଜାହାଜ ମଉଲ - ଅନାବଶ୍ୟକ ଚର୍ଚ୍ଚା ।
୧୭. କଥା ମାନିଲେ ମୋଟ - କୌଣସି ବିଷୟ ଅଧିକ ଆଲୋଚନା କଲେ ତାହାର ଅର୍ଥ ବଦଳିଯାଏ ।
୧୮. କାଠିକର ପାଠ - କଷ୍ଟସାଧ୍ୟ କାମ ।
୧୯. କଣ୍ଠାଯିବା - ଶତ୍ରୁନାଶ କରିବା ।
୨୦. କୁହୁଡ଼ି ପହଁରିବା - ବୃଥା କରିଶ୍ରମ ।
୨୧. କୀଚକ ବାହୁବଳେ ବିରାଟ ରାଜ୍ୟ - ଅନ୍ୟର ସାହାଯ୍ୟରେ ବାହାଦୂରୀ ମାରିବା ।
୨୨. ଛାତି ପଥର କରିବା - ଧୈର୍ଯ୍ୟ ଧରିବା ।
୨୩. ଘରେ ନ ପଶୁଣୁ ଚଳା ବାଜିବା - ଆରମ୍ଭରୁ ଅଶୁଭ ।
୨୪. ଗୋଡ଼ ଟେକି ବସିବ - ପ୍ରସ୍ତୁ ହୋଇ ରହିବା ।
୨୫. ବିରାଡ଼ି କପାଳରୁ ଶିକା ଛିଣ୍ଡିଲା - ଯେ ଯେଉଁ ସୁବିଧା ଚାହୁଁଥାଏ ତାହା ମିଳିବା, ଅକସ୍ମାତ ସୁଯୋଗ ମିଳିବା ।
୨୬. ଯେମିତି ଠାକୁର ସେମିତି ପୂଜା - ଗୁଣ ଘେନି ଆଦର ।
୨୭. ଯେ ପକ୍ଷୀ ଉଡ଼େ ଯେତେ ଦୂର - ଅଭିଜ୍ଞତା ସଫଳତାର ମାପକାଠି ।
୨୮. କୁଟା ଖଣ୍ଡକ ଦି'ଖଣ୍ଡ ନ କରିବା - କିଛି କାମ ନ କରିବା ।
୨୯. ସଭାରେ ହାଣ୍ଡି ଭାଙ୍ଗିବା - ଗୁପ୍ତକଥା ପ୍ରଘଟ କରିବା ।

୩୦.	ବଗର ବେକ ବଢ଼ିଲେ ମୀନର ବିପତ୍ତି	-	ଶତ୍ରୁର ଶକ୍ତି ବୃଦ୍ଧି ହେଲେ ବିପଦ ଅଧିକ ହୁଏ ।
୩୧.	ନଈ ସୁଅକୁ ବାଲି ବନ୍ଧ	-	ବୃଥା ପରିଶ୍ରମ ।

## (x) ଏକ ପଦରେ ପ୍ରକାଶ କର :-

| | | | |
|---|---|---|---|
| ୧. | ନଭକୁ ଚୁମ୍ବନ କରୁଛି ଯେ | - | ନଭଶ୍ଚୁମ୍ବୀ । |
| ୨. | ଆଦ୍ୟ ଓ ପ୍ରାନ୍ତ | - | ଆଦ୍ୟପ୍ରାନ୍ତ । |
| ୩. | ସିଂହ ଚିହ୍ନିତ ଆସନ | - | ସିଂହାସନ । |
| ୪. | ତିନି ଫଳର ସମାହାର | - | ତ୍ରିଫଳା । |
| ୫. | ଯେ ନିଜ ଉପରେ ନିର୍ଭର କରେ | - | ଆତ୍ମନିର୍ଭର । |
| ୬. | ଯେ ପର ଉପରେ ନିର୍ଭର କରେ | - | ପରନିର୍ଭର । |
| ୭. | ପରିଶ୍ରମ କରି ଯେଉଁ ମୂଲ୍ୟ ମିଳେ | - | ପାରିଶ୍ରମିକ । |
| ୮. | ଶତର ଏକ ଅଂଶ | - | ଶତାଂଶ । |
| ୯. | ରାତିର ଅଧ | - | ଅଧରାତି । |
| ୧୦. | ଧୈର୍ଯ୍ୟ ସହ ବିଦ୍ୟମାନ | - | ସଧୈର୍ଯ୍ୟ । |
| ୧୧. | ଯନ୍ତ୍ରଣାରେ କ୍ଷୁବ୍ଧ | - | ଯନ୍ତ୍ରଣାକ୍ଷୁବ୍‌ଧ । |
| ୧୨. | ମନର ଗହନ | - | ମନଗହନ । |
| ୧୩. | ଧ୍ୟାନର ଯୋଗ | - | ଅନୁଧ୍ୟାନ । |
| ୧୪. | ଅଗ୍ନିର ଶିଖା | - | ଅଗ୍ନିଶିଖା । |
| ୧୫. | ରାସ୍ତା ଓ ଘାଟ | - | ରାସ୍ତାଘାଟ । |
| ୧୬. | ଯେ ଗୁରୁ ସେ ଗମ୍ଭୀର | - | ଗୁରଗମ୍ଭୀର । |
| ୧୭. | ନାହିଁ ଭୟ ଯାହାର | - | ନିର୍ଭୟ । |
| ୧୮. | ସୀମା ଦ୍ୱାରା ଆବଦ୍ଧ | - | ସୀମାବଦ୍ଧ । |
| ୧୯. | ଦୀର୍ଘ ଓ କାୟ | - | ଦୀର୍ଘକାୟ । |
| ୨୦. | ଅସ୍ତ୍ର ଦ୍ୱାରା ଆଘାତ | - | ଅସ୍ତ୍ରାଘାତ । |
| ୨୧. | ନଦୀର ଜଳ | - | ନଦୀଜଳ । |
| ୨୨. | ବିଦ୍ୟାର ଆଳୟ | - | ବିଦ୍ୟାଳୟ । |
| ୨୩. | ଋଣ କରେ ଯେ | - | ଋଣୀ |
| ୨୪. | ଅନୁସନ୍ଧାନ ପାଇଁ ଇଚ୍ଛୁକ | - | ଅନୁସନ୍ଧିତ୍ସୁ । |
| ୨୫. | ପୁରୁଷମାନଙ୍କ ମଧ୍ୟରେ ଉତ୍ତମ | - | ପୁରଷୋତ୍ତମ । |
| ୨୬. | ଏକ ହୋଇଛି ଆକାର | - | ଏକାକାର । |
| ୨୭. | ପଦ୍ମ ପରି ପାଦ | - | ପଦ୍ମପାଦ । |
| ୨୮. | ଦେବଙ୍କର ସଭା | - | ଦେବସଭଳା । |
| ୨୯. | କୁଟୁମ୍ବ ସହ ବର୍ତ୍ତମାନ | - | ସକୁଟୁମ୍ବ । |
| ୩୦. | ନ ଭେଦ | - | ଅଭେଦ । |
| ୩୧. | ଭୂତମାନଙ୍କ ପତି | - | ଭୂତପତି । |
| ୩୨. | ଶୂନ୍ୟ ଅଟେ ମାର୍ଗ | - | ଶୂନ୍ୟମାର୍ଗ । |
| ୩୩. | ସୁ ଅଟନ୍ତି ନାରୀର | - | ସୁନାସୀର । |
| ୩୪. | ଶିବଙ୍କର ପୂଜକ | - | ଶୈବ । |
| ୩୫. | ବିମାନ ପରିଚାଳନାରେ ଦକ୍ଷ ବ୍ୟକ୍ତି | - | ବୈମାନିକ । |
| ୩୬. | ବିଜ୍ଞାନର ନିପୁଣ ବ୍ୟକ୍ତି | - | ବୈଜ୍ଞାନିକ । |
| ୩୭. | ପୁତ୍ର ପାଇଁ ଶୋକ | - | ପୁତ୍ରଶୋକ । |